ଓଡ଼ିଶା ଏକ୍ସପ୍ରେସ
ଭୁବନେଶ୍ୱର ଓ ବ୍ରହ୍ମପୁରରୁ ଏକାସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୨ ଫେବୃଆରୀ ୨୦୧୮, ଗୁରୁବାର

ସମୁଦ୍ର ଉପକୂଳ ସୁରକ୍ଷା ଉପରେ ଗୁରୁତ୍ୱାରୋପ

ବ୍ରହ୍ମପୁର: ଏକ୍ସପ୍ରେସ୍ ନ୍ୟୁଜ୍

ଛତ୍ରପୁରସ୍ଥିତ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ସମୁଦ୍ର କୂଳ ଉପତ୍ୟକା ସୁରକ୍ଷା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ପ୍ରେମ ଚନ୍ଦ୍ର ଚୌଧୁରୀ ଅଧକ୍ଷତା କରିଥିଲେ । ଗଞ୍ଜାମ ଜିଲ୍ଲାର ବାହୁଦା ମୁହାଣ ଠାରୁ ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣ ରେଖା ମୁହାଣ ଦୀର୍ଘ ୪୮୦ କି.ମି ପର୍ଯ୍ୟନ୍ତ ନେଇ ପ୍ଲାନ୍ ପ୍ରସ୍ତୁତ କରାଯିବ । ସମୁଦ୍ର ପତନର ୫୦୦ ମିଟର ପର୍ଯ୍ୟନ୍ତ ସମୁଦ୍ର କୂଳ ଉପତ୍ୟକା କିପରି କ୍ଷତି ନହୋଇ ସୁରକ୍ଷିତ ରହିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି । ଏଥି ନିମନ୍ତେ ଏକ ବିସ୍ତୁତ ପ୍ରୋଜେକ୍ଟ ପ୍ରସ୍ତୁତ କରିବା ପାଇଁ ଆଇସିଜେଡ୍ଏମ୍ପି କରିବା ପାଇଁ ଆଇପି ଗ୍ଲୋବାଲ ସଂସ୍ଥାକୁ ବିଶ୍ୱ ବ୍ୟାଙ୍କ୍ ସହାୟତାରେ ପ୍ଲାନ୍ କରିବା ନିମନ୍ତେ କୁହାଯାଇଛି । ଆଇପି ଗ୍ଲୋବାଲ ସଂସ୍ଥା ତରଫରୁ ପ୍ରସ୍ତୁତ ଏକ ପ୍ଲାନ୍‌କୁ ପ୍ରେଜେଣ୍ଟେସନ୍ କରିଥିଲେ ଜିଲ୍ଲାପାଳ ଶ୍ରୀ ଚୌଧୁରୀ ଯୋଜନା ସମ୍ପର୍କରେ ଆଲୋଚନା କରି ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବାକୁ କହିଥିଲେ । ଏହି ଯୋଜନାରେ ମୁଖ୍ୟତଃ ମୁହାଣର ଖନନ ଓ ଉପକୂଳ ଅଞ୍ଚଳରେ ସୁରକ୍ଷିତ ନିର୍ମାଣ କାର୍ଯ୍ୟ କିପରି ହେବ ସେଥିପ୍ରତି ବୈଠକରେ ଗୁରୁତ୍ୱ ଦିଆଯାଇଛି । ଏହି ବୈଠକରେ ମତ୍ସ୍ୟ ବିଭାଗର ଡେପୁଟି ଡ଼ାଇରେକ୍ଟର ଶିବ ପ୍ରସାଦ ବେହେରା ଏବଂ ଆଇପି ଗ୍ଲୋବାଲ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ବିଏମ୍‌ସିର ଜରୁରୀ ବୈଠକରେ ସଂରକ୍ଷଣ ପ୍ରସ୍ତାବ ପାରିତ
ୱାର୍ଡ଼ ପୁନର୍ଗଠନ, ସଂଖ୍ୟା ହେଲା ୪୦ରୁ ୪୩

ବ୍ରହ୍ମପୁର
ଏକ୍ସପ୍ରେସ୍ ନ୍ୟୁଜ୍

ବ୍ରହ୍ମପୁର ମହାନଗର ନିଗମର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମ କରି ଅଧକ୍ଷତା କରିଥିଲେ କାର୍ଯ୍ୟକାରୀ ମେୟର ଜ୍ୟୋତ୍ସ୍ନା ନାୟକ । ୱାର୍ଡ଼ ପୁନର୍ଗଠନ ଓ ସଂରକ୍ଷଣ ତାଲିକା ପ୍ରସ୍ତାବ ବୈଠକରେ ପାରିତ ହୋଇଯାଇଛି । ବିଏମ୍‌ସି ୱାର୍ଡ଼ ସଂଖ୍ୟା ଏବେ ୪୦ରୁ ୪୩କୁ ବୃଦ୍ଧି ପାଇଛି । ପ୍ରଶାସନ ୨୦୧୧ ଜନଗଣନା ଆଧାରକୁ କରି ୱାର୍ଡ଼ ପୁନର୍ଗଠନ ଓ ସଂରକ୍ଷଣ ତାଲିକା ପ୍ରସ୍ତୁତି କରିଛି । ବିଭିନ୍ନ ବର୍ଗର ମହିଳାଙ୍କ ପାଇଁ ୨୨ଏବଂ ବିଭିନ୍ନ ବର୍ଗର ପୁରୁଷଙ୍କ ପାଇଁ ୨୧ଟି ୱାର୍ଡ଼ ସଂରକ୍ଷିତ ରଖାଯାଇଛି । ୨୦୧୧ ଜନଗଣନା ଅନୁସାରେ ବିଏମ୍‌ସି ଜନସଂଖ୍ୟା ୩ଲକ୍ଷ ୫୭ହଜାର ୫୯୮ ମଧ୍ୟରୁ ୧ଲକ୍ଷ ୮୫ହଜାର ୭୫୪ ପୁରୁଷ ଏବଂ ୧ଲକ୍ଷ ୭୦ ହଜାର ୮୪୪ ମହିଳା ରହିଛନ୍ତି । ଏଥିରେ ୧୮ବର୍ଷରୁ ଉର୍ଦ୍ଧ୍ୱ ଯୁବକ ଓ ଯୁବତୀ ଭୋଟର ତାଲିକା ଭୁକ୍ତ ହୋଇଛନ୍ତି । ତେବେ ସେମାନେ ଜନଗଣନା ଭୁକ୍ତ ହୋଇପାରିନାହାଁନ୍ତି ବୋଲି ଅଭିଯୋଗ ହୋଇଛି । ଡ଼େପୁଟି ମେୟର ଶ୍ରୀମତୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜରୁରୀ ବୈଠକରେ କମିସନର ଚକ୍ରବର୍ତ୍ତୀ, ରାଜପୁତ ସିଂ ରାଠୋର କହିଥିଲେ ଯେ ପୌର ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ୱାର୍ଡ଼ ପୁନର୍ଗଠନ ଓ ସଂରକ୍ଷଣ ପ୍ରକ୍ରିୟା ଶେଷ ହୋଇ ଏହାକୁ ପାରିତ କରାଯାଇଛି । ଏହା ଏବେ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ସେ କହିଥିଲେ । ଅନୁଷ୍ଠିତ ଏହି ସ୍ୱତନ୍ତ୍ର ବୈଠକରେ ସମସ୍ତ କର୍ପୋରେଟରଙ୍କ ଉପସ୍ଥିତିରେ ସଂରକ୍ଷଣ ତାଲିକାକୁ ନେଇ ଆଲୋଚନା ହେବା ସହ କେତେକ କର୍ପୋରେଟର ଏହାର ବିରୋଧ କରିଥିଲେ । ଶେଷରେ ଏହା ସର୍ବସମ୍ମତି କ୍ରମେ ପାଳିତ ହୋଇଛି । ମାର୍ଚ୍ଚ ୧୨ ତାରିଖରେ ଡ୍ରାଫ୍ଟ ନୋଟିଫିକେସନ୍ ପ୍ରକାଶ କରାଯାଇ ପ୍ରସ୍ତାବିତ ତାଲିକା ବାବଦରେ ମତାମତ ଓ କଣ କଣ ଏଥିରେ ପରିଣତ ଅଣାଯିବ ଏ ସଂକ୍ରାନ୍ତରେ ସର୍ବିଶେଷ ତଥ୍ୟ ସଂଗ୍ରହ କରାଯିବ । ମାର୍ଚ୍ଚ ୨୦ ତାରିଖ ସୁଦ୍ଧା ସମସ୍ତ ମତାମତ ଓ ତଥ୍ୟ ସରକାରଙ୍କ ନିକଟରେ ଦିନ ଧାର୍ଯ୍ୟ କରାଯିବ ବୋଲି ଦିନ ଧାର୍ଯ୍ୟ ହୋଇଛି । ଏପ୍ରିଲ ୩୦ ତାରିଖରେ ୱାର୍ଡ଼ ପୁନର୍ଗଠନ ଏବଂ ସଂରକ୍ଷଣ ବାବଦରେ ବୃତ୍ତାନ୍ତ ତାଲିକା ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି । ପ୍ରକାଶ ଥାଉକି ୨୦୦୮ ମସିହାରେ ବ୍ରହ୍ମପୁରକୁ ମହାନଗର ନିଗମ ମାନ୍ୟତା ମିଳିଥିଲା । ୨୦୧୩ ନିର୍ବାଚନ ରେ ୱାର୍ଡ଼ ସଂଖ୍ୟା ୨୭ରୁ ୪୦ ବୃଦ୍ଧି ପାଇଥିଲା । ଚଳିତ ବର୍ଷ ନିର୍ବାଚନ ୱାର୍ଡ଼ ସଂଖ୍ୟା ଆଉ ତିନୋଟି ବୃଦ୍ଧି ଘଟିଥିବା ବେଳେ ଆର୍ ଜନସଂଖ୍ୟା ୩ଲକ୍ଷ ୫୭ ହଜାର ୫୯୮ ରହିଛନ୍ତି । ଏ ନେଇ ତାଲିକା ପ୍ରକାଶ ପାଇବା ପରେ ବିଭିନ୍ନ ରାଜନୈତିକ ଦଳ ନିଜ ନିଜକୁ ପ୍ରସ୍ତୁତ କରିବାରେ ଲାଗିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଉପସ୍ଥିତ ଥିଲେ।

ସେନା ନିଯୁକ୍ତି ରାଲି ୨୬ରୁ
୪୫ହଜାରରୁ ଉର୍ଦ୍ଧ୍ୱ ପ୍ରାର୍ଥୀ ସାମିଲ ସମ୍ଭାବନା

ବ୍ରହ୍ମପୁର
ଏକ୍ସପ୍ରେସ୍ ନ୍ୟୁଜ୍

ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ସେନା ନିଯୁକ୍ତି ରାଲି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରେମଚନ୍ଦ୍ର ଚୌଧୁରୀ ଅଧକ୍ଷତା କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଉପ ଜିଲ୍ଲାପାଳ ବ୍ରହ୍ମପୁର ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନିର୍ଦ୍ଦେଶକ ଆର୍ମି ରିକ୍ରୁଟିଙ୍ଗ ଅଫିସ୍, ଗୋଲାବନ୍ଧ, କର୍ଣ୍ଣଲ ସଞ୍ଜିବ ଡଗ୍ରା, ଏଆରଓ ମେଜର ରମେଶ କୁମାର ଏବଂ ଆଞ୍ଚଳିକ ସହକାରୀ ନିୟୋଜନ ନିର୍ଦ୍ଦେଶକ, ଦକ୍ଷିଣାଞ୍ଚଳ ଆର୍.ଏମ୍. ଖିଲୋନା ମଞ୍ଚାସୀନ ଥିଲେ । ଏହି ରାଲି ଆସନ୍ତା ମାର୍ଚ୍ଚ ୨୬ ଠାରୁ ଏପ୍ରିଲ ୧୨ ତାରିଖ ପର୍ଯ୍ୟନ୍ତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଷ୍ଟାଡ଼ିୟମରେ ଆୟୋଜିତ ହେବ । ଏହି ରାଲିରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ପ୍ରାୟ ୪୫,୦୦୦ରୁ ୫୦,୦୦୦ ପ୍ରାର୍ଥୀ ଅଂଶ ଗ୍ରହଣ କରିବାର ସମ୍ଭାବନା ରହିଛି ବୋଲି କର୍ଣ୍ଣଲ ଡଗ୍ରା ସୂଚନା ଦେଇଛନ୍ତି । ଦକ୍ଷିଣାଞ୍ଚଳ ନିମନ୍ତେ ମାର୍ଚ୍ଚ ୨୬ରୁ ମାର୍ଚ୍ଚ ୩୦ ସମ୍ବଲପୁର ଜୋନ୍ ନିମନ୍ତେ ମାର୍ଚ୍ଚ ୩୧ରୁ ଏପ୍ରିଲ ୪ ଏବଂ କଟକ ଜୋନ୍ ନିମନ୍ତେ ଏପ୍ରିଲ ୫ରୁ ଏପ୍ରିଲ ୧୨ ତାରିଖ ଧାର୍ଯ୍ୟ କରାଯାଇଛି । ଆସନ୍ତା ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ଇଚ୍ଛୁକ ପ୍ରାର୍ଥୀମାନେ ଅନ୍‌ଲାଇନ୍ ପଞ୍ଜିକରଣ କରିପାରିବେ । ଏ ନେଇ ବିଏମ୍‌ସି, ଆର୍‌ଡବ୍ଲ୍ୟୁଏସ୍ଏସ୍, ପିଡ୍ଲ୍ୟୁଡ଼ି, ପିଏଚ୍‌ଡ଼ି, ଅଗ୍ନିଶମ ଏବଂ ପୋଲିସ ବିଭାଗକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷ ସାରା ରାଜ୍ୟରୁ ପ୍ରାର୍ଥୀମାନେ ଅଂଶ ଗ୍ରହଣ କରୁଥିବାରୁ ଯେଭଳି ଶାନ୍ତି ଶୃଙ୍ଖଳାର ସହ ଏହା ଆୟୋଜିତ ହେବ ସେ ନେଇ ମଧ୍ୟ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ବିଶେଷ କରି ଯେପରି କୌଣସି ପ୍ରାର୍ଥୀ କୌଣସି ଗୁରୁତ୍ୱାରୋପ କରିଛନ୍ତି, ବିଶେଷ କରି ଯେପରି କୌଣସି ପ୍ରାର୍ଥୀ କୌଣସି ଦଲାଲଙ୍କ ଠକାମିର ଶିକାର ହୁଅନ୍ତି ସେ ନେଇ କର୍ଣ୍ଣଲ ଡଗ୍ରା ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଡ଼ିଏମ୍ଓ ଜଗଦୀଶ ପଟ୍ଟନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ ସାହୁ, ନିୟୋଜନ ଅଧିକାରୀ ଏସ୍.କେ. ମହାପାତ୍ର, ଡ଼ିଏସ୍‌ପି, ଡ଼ିଆଇଜି ଅଜୟ କୁମାର ମିଶ୍ର, ଏସ୍‌ଡ଼ିଓ ରାମଚନ୍ଦ୍ର ସେଠୀ ଏବଂ ଏସ୍‌ଡ଼ିଆଇପିଆଇଓ, ପ୍ରମିଳା ମାଝି ଉପସ୍ଥିତ ଥିଲେ ।

ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ
ବ୍ଲକ ଅଫିସ ପାଚେରି ଭଙ୍ଗାଗଲା

ବେତନଟୀ: ଏକ୍ସପ୍ରେସ୍ ନ୍ୟୁଜ୍

ଖାଡପୋଖରିଆ-ବାରିପଦା-ବାଲେଶ୍ୱର ଚାରି ଥାକିଆ ରାସ୍ତା କାମ ବେଳେ ରାସ୍ତା ସଂପ୍ରସାରଣ ସହିତ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ ଖୁଣ୍ଟ ଗୁଡିକୁ ମଧ୍ୟ ପ୍ରସ୍ତାବିତ ଚଉଡା ରାସ୍ତାର ପାର୍ଶ୍ୱକୁ ସ୍ଥାନାନ୍ତର କରା ଯାଉଛି । ଏହି କାର୍ଯ୍ୟ ବେଳେ ବେତନଟୀ ବ୍ଲକର ମୁଖ୍ୟ ଫାଟକର ପାଚେରି ଭଙ୍ଗାଯିବା ସହିତ ଏହାର ପରିସରରେ ଗଛ ସବୁ ଜେସିବି ଲଗାଇ ଭାଙ୍ଗି ଉପାଡି ଦିଆଯାଇଛି । ବ୍ଲକପାର୍ଶ୍ୱରେ ଥିବା ଦେବଦାରୁ ଗଛଟିକୁ ଜେସିବି ଲଗାଇ ଚିରି ଫିଙ୍ଗି ଦିଆଯାଇଥିଲା । ପାଚେରୀ ଭଙ୍ଗା ଯାଇଥିବା କ୍ଷେତ୍ର ଦେଇ ବ୍ଲକ ପରିସର ମଧ୍ୟରେ ଥିବା ଜାତୀୟ ରାଜପଥର ଅଂଶରେ ନୂତନ ଭାବେ ଗୋଟିଏ ଟ୍ରାନ୍ସଫର୍ମର ବସିବାର ଯୋଜନା କରାଯାଉଛି ବୋଲି ଜଣାପଡିଛି । ଅନ୍ୟପକ୍ଷରେ କେବଳ ଭଙ୍ଗା ଯାଇଥିବା ପାଚେରି ନୁହେଁ ସରକାରୀ ଅର୍ଥରେ ମଧ୍ୟ ବ୍ଲକ ସମ୍ମୁଖରେ ନିର୍ମିତ ହୋଇ ଥିବା ସପିଂ କମ୍ପ୍ଲେକ୍ସ ରହିଛି । ଏଗୁଡିକରୁ କେତେକ ସମ୍ପୂର୍ଣ୍ଣ ନିର୍ମିତ ହୋଇ ପଞ୍ଚାୟତ ଜରିଆରେ ଲୋକଙ୍କୁ ଭଡା ଦିଆଯାଇଥିବା ବେଳେ ଅନ୍ୟ କେତେକ ଏବେ ମଧ୍ୟ ଅସମ୍ପୂର୍ଣ୍ଣ ହୋଇ ପଡିଛି । ତେବେ ଏହି ସପିଂ କମ୍ପ୍ଲେକ୍ସ, ପାଚେରୀ ଓ ତୋରଣ ନିର୍ମାଣ ବେଳେ ବ୍ଲକ କର୍ତ୍ତୃପକ୍ଷ ଏଥି ପ୍ରତି ଧ୍ୟାନ ଦେଇନାହାନ୍ତି । ଏବେ ସରକାରୀ ଅର୍ଥରେ ନିର୍ମିତ ପାଚେରୀ, ସପିଂ କମ୍ପ୍ଲେକ୍ସ ଭଙ୍ଗା ହେଲେ ଏବେ କେତେ ଟଙ୍କା ସରକାରୀ ଅର୍ଥ ପାଣିରେ ପଡିବ ଓ ଏହି ନିର୍ମାଣ ପାଇଁ କିଏ ଦାୟୀ ତାହା ତଦନ୍ତ ସାପେକ୍ଷ । ଅନ୍ୟପକ୍ଷରେ ଚାରି ଥାକିଆ ରାସ୍ତା ପାର୍ଶ୍ୱରେ ଥିବା ବଞ୍ଚିଲା ଗଛ ଗୁଡିକ କାଟିବା ଓ ସେଗୁଡିକୁ ନେବା ପାଇଁ ନିର୍ଦ୍ଦିଷ୍ଟ ନିୟମ ରହିଛି । ସେଗୁଡ଼ିକୁ କଟା ଯାଇ ଓଏଫଡିସି କାଠଗୁଡିକ ନେବା କଥା । କିନ୍ତୁ ବଞ୍ଚିଲା ଗଛକୁ ଏଠାରେ କେଉଁ ନିୟମରେ ଗଡା ଗଲା ଓ ବନ ବିଭାଗ ବ୍ଲକ ପରିସରରେ ଥିବା ଗଛଗୁଡିକୁ ଏପରି ଗଡାଇବାର ଅନୁମତି ଦେଇଛି କି ନାହିଁ ତାହା ତଦନ୍ତ ସାପେକ୍ଷ ହୋଇପଡିଛି ।

ଆତ୍ମରକ୍ଷା ତାଲିମ ନେଲେ ଛାତ୍ରୀ

ସୋର: ଏକ୍ସପ୍ରେସ୍ ନ୍ୟୁଜ୍

ସୋର ବ୍ଲକ କୁଡେଇ ଜୁନିଅର ମହିଳା କଲେଜରେ ଆୟୋଜିତ ୧୨ ଦିନିଆ ମହିଳା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅଧ୍ୟକ୍ଷ କରୁଣାକର ସାହୁଙ୍କ ପୌରୋହିତ୍ୟରେ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୋର ଥାନା ଭାରପ୍ରାପ୍ତ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଗୌରୀ ଶଂକର ଘଡାଇ ଯୋଗ ଦେଇ ଆତ୍ମରକ୍ଷା ପାଇଁ କୌଶଳ ଶିକ୍ଷା ସହ ଶାରୀରିକ, ମାନସିକ ଓ ସାମାଜିକ ସୁସ୍ଥତା ଜରୁରି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପିକା ଇତିଶ୍ରୀ ଦାସ, କଲେଜ ପରିଚାଳନା ସମିତି ସଭାପତି ଜୟନ୍ତ କୁମାର ସ୍ୱାଇଁ, ଟ୍ରେନର ସସ୍ମିତା ଖୁଣ୍ଟିଆ ଓ ହିତେସି ବାଗ୍ ପ୍ରମୁଖ ଯୋଗ ଦେଇଥିଲେ।

ଜିଆଇଇଟିରେ କମ୍ପ୍ୟୁଟର ଓ ଇଲେକ୍ଟ୍ରୋନିକ୍ସ ସେମିନାର

ଭୁବନେଶ୍ୱର
ଏକ୍ସପ୍ରେସ୍ ନ୍ୟୁଜ୍

ଭୁବନେଶ୍ୱର ସ୍ଥିତ ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଏକ୍ସେଲେଣ୍ଟ ଟେକ୍ନୋକ୍ରାଟ୍ସରେ ତା ୧୯. ୦୨. ୨୦୧୮ ରିଖ ଏକ ସେମିନାର ଇଲେକ୍ଟ୍ରୋନିକ୍ସ ଏବଂ କମ୍ପ୍ୟୁଟର ସାଇନସ ବିଭାଗ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଗାନ୍ଧୀ ଗ୍ରୁପ୍‌ର ଚେୟାରମ୍ୟାନ୍ ଡକ୍ଟର ସତ୍ୟପ୍ରକାଶ ପଣ୍ଡା ଙ୍କ ଦିଗଦର୍ଶନ ଓ ଭାଇସ୍ ଚେୟାରମ୍ୟାନ ଇଂ ରାମନାରାୟଣ ସାବତ୍‌ଙ୍କ ର ତତ୍ତ୍ୱାବଧାନରେ ଆୟୋଜିତ ସେମିନାର ରେ ବୁର୍ଲା ସ୍ଥିତ ଭିଏସଏସୟୁଟିର କମ୍ପ୍ୟୁଟର ସାଇନସ୍ ଏବଂ ଇନ୍‌ଫରମେସନ ଟେକ୍ନୋଲୋଜି ବିଭାଗର ପ୍ରାଧ୍ୟାପକ ପ୍ରଫେସର ପ୍ରଦୀପ କୁମାର ଦାସ ଭିଡ଼ିଓ ପ୍ରୋସେସିଙ୍ଗ୍ ଆଣ୍ଡ ମେସିନ୍ ଇଣ୍ଟେଲିଜେନ୍ସ ଉପରେ ଛାତ୍ରଛାତ୍ରୀଙ୍କୁ ବିଶେଷ ଜ୍ଞାନ ପ୍ରଦାନ କରିଥିଲେ । ସ୍ୱାଗତ ଅଭିଭାଷଣ ରେ ପ୍ରିନ୍ସପାଲ ଡ. ରାଜେନ୍ଦ୍ର କୁମାର ଦାସ ଜ୍ଞାନ ଆରୋହଣ ପାଇଁ ବାହ୍ୟ ଜଗତରେ ଘଟୁଥିବା ପ୍ରତ୍ୟହ ଘଟଣା ସହ ନିଜକୁ ପରିଚିତ କରିବାକୁ ପଡିବ ବୋଲି କହିଥିଲେ । ଭାଇସ୍ ପ୍ରିନ୍ସପାଲ୍ ପ୍ରଫେସର ସତ୍ୟପ୍ରକାଶ ଦାସ ଭାଷଣ ରେ ଛାତ୍ରଛାତ୍ରୀଙ୍କୁ ଅଧିକ ସେମିନାର ଓ କର୍ମଶାଳାରେ ଅଂଶଗ୍ରହଣ କରିବାକୁ ଉପଦେଶ ଦେଇଥିଲେ । କମ୍ପ୍ୟୁଟର ବିଭାଗ ର ମୁଖ୍ୟ ପ୍ରଫେସର୍ ନଳିନୀ କୁମାର ସେଠୀ ବିଭାଗର କାର୍ଯ୍ୟପ୍ରଣାଳୀ ଓ ଭବିଷ୍ୟତ କାର୍ଯପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଫେସର ସମରେନ୍ଦ୍ର ସାମଲ, ଇଲେକ୍ଟ୍ରୋନିକ୍ସ ମୁଖ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମଟିରେ ଜିଏମ୍ ହେମଚନ୍ଦ୍ର ଜେନା, ଏଓ ଜତୀନ୍ଦ୍ର କୁମାର ମିଶ୍ର, ପ୍ଲେସ୍‌ମେଣ୍ଟ ମ୍ୟାନେଜର୍ ସୁମିତା ପାଢୀ, ରେଜିଷ୍ଟ୍ରାର୍ ଉତ୍କଳ ରଞ୍ଜନ ଦାସ, ଅଧ୍ୟାପକ ଶ୍ରୀନିବାସ ମିଶ୍ର ଓ ଛାତ୍ରୀ କାଜଲ ସ' ସହଯୋଗ କରିଥିଲେ ।

ବାଙ୍କୀ କଲେଜ ଛାତ୍ର ସଂସଦ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବାଙ୍କୀ
ଏକ୍ସପ୍ରେସ୍ ନ୍ୟୁଜ୍

ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଛି । ଛାତ୍ର ସଂସଦ ସଭାପତି ଜିତେନ୍ ପ୍ରଧାନ ଉତ୍ସବରେ ଅଧକ୍ଷତା କରିଥିଲେ । ଛାତ୍ରୀ ମାନେ କଲେଜ ସଂଗୀତ ପରିବେଷଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଅଧକ୍ଷ ଡ. ବାବାଜୀ ଚରଣ ଶତପଥି ସ୍ୱାଗତ ଭାଷଣ ଦେଇ ଶ୍ଳୋକ ଆବୃତି କରିଥିଲେ । ଉପଦେଷ୍ଟା ଡ. କ୍ଷେତ୍ରମୋହନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସାଧାରଣ ସମ୍ପାଦକ ରାଜକିଶୋର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ରାଜ୍ୟସଭା ସାଂସଦ ପ୍ରତାପ ଦେବ ମୁଖ୍ୟ ଅତିଥି, ନ୍ୟୁଜ ୭ର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ ମୁଖ୍ୟବକ୍ତା, ବିଧାୟକ ତଥା ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ମନୁଷ୍ୟ ଜୀବନରେ ଆମର ବହୁତ କର୍ତ୍ତବ୍ୟ ଅଛି କିନ୍ତୁ ଆମେ ତାକୁ କେତେ ଦୂର ପାଳନ କରୁଛେ ସେକଥା ଥରେ ଭାବିଲେ ନିଜେ ଜାଣି ପାରିବା । ଆମ ଜୀବନରେ ଯଦି କିଛି ଲକ୍ଷ୍ୟ ନାହିଁ ତ ଆମ ଜୀବନ ମୂଲ୍ୟହୀନ । ପ୍ରଥମେ ନିଜ ମନରେ ଜୀବନର ଲକ୍ଷ୍ୟ ସୃଷ୍ଟି କର । ଯାହାକି ତୁମ ସଫଳତାର ପ୍ରଥମ ପାଦ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ସହ ସମ୍ପାଦକ ରଶ୍ମୀ ରଂଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଆଇସିଜି ବଜ୍ରର ଅବସର

ପାରାଦୀପ: ଏକ୍ସପ୍ରେସ୍ ନ୍ୟୁଜ୍

ଭାରତୀୟ ତଟରକ୍ଷୀ ବାହିନୀର ୩୦ବର୍ଷ ସେବାକରୀ ଆଇସିଜି ବଜ୍ର ଅବସର ବା ବିଦାୟ ନେଇଛି । ଏହି ପରିପ୍ରେକ୍ଷିରେ ସେନାବାହୀନୀର ମର୍ଯ୍ୟାଦାପୂର୍ଣ୍ଣ ପାରମ୍ପରିକ ଉତ୍ସବରେ ପାଟ୍ରୋଲିଂ ଜାହଜ ବଜ୍ରକୁ ସୂର୍ଯ୍ୟଅସ୍ତ ସମୟରେ ସେବାରୁ ଅବ୍ୟାହତି ଦିଆଯାଇଛି । ଏହି ବିଦାୟ ଉତ୍ସବ ପାରାଦୀପ ବନ୍ଦରର ୪ନଂ ଗେଟ ମଧ୍ୟରେ ଥିବା ପୋତାଶ୍ରୟରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ତଟରକ୍ଷୀ ବାହିନୀ ଉତ୍ତର ପୂର୍ବାଞ୍ଚଳ କମାଣ୍ଡର ଇନ୍ସପେକ୍ଟର ଜେନେରାଲ କେଏସ ସେଓରାନଙ୍କ ଦ୍ୱାରା ସମ୍ପାଦିତ କରାଯାଇଥିଲା । ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ୧୯୮୮ ମସିହା ଡିସେମ୍ବର ୨୨ ତାରିଖରେ ଆଇସିଜି ବଜ୍ର ତଟରକ୍ଷୀ ବାହିନୀରେ ସାମିଲ ହୋଇଥିଲା । ଦୀର୍ଘ ୩୦ବର୍ଷ ସେବା ପ୍ରଦାନ ଅବସରରେ ଏହା ୫୨ ହଜାର ୯୬୬ ଘଣ୍ଟା ସମୁଦ୍ରରେ ଯାତ୍ରା କରି ସର୍ବମୋଟ ୫ଲକ୍ଷ ୨୪ ହଜାର ୨୯୯ ନଟିକାଲ ମାଇଲ ଅତିକ୍ରମ କରିଛି । ଏ ସମୟ ମଧ୍ୟରେ ୩୪ ଜଣ ବିପନ୍ନ ସସ୍ୟଜୀବୀଙ୍କ ଜୀବନ ରକ୍ଷା କରିବା ସହ ୨୮ଟି ମାଛଧରା ବୋଟ ଉଦ୍ଧାର କରିଛି । ଆଜି ସୂର୍ଯ୍ୟାସ୍ତ ସମୟରେ ଶେଷ ଥର ପାଇଁ ତଟରକ୍ଷୀ ବାହିନୀର ପତାକା ଅବତରଣ କରାଯାଇଥିଲା । ଏହି ଜାହାଜଟି ମୁମ୍ବାଇର ମାଜାଗାଁଓ ଡକୟାର୍ଡରେ ତଟରକ୍ଷୀ ବାହିନୀ ପାଇଁ ନିର୍ମିତ ହୋଇଥିଲା । ଓଡିଶା ଓ ପଶ୍ଚିମବଙ୍ଗ ସମୁଦ୍ର ଜଳସୀମାରେ ପଇଁତରା ମାରିବା ପାଇଁ ୨୦୧୩ ମସିହାରେ ପାରାଦୀପ ବନ୍ଦରରେ ଜାହାଜଟିକୁ ନିୟୋଜିତ କରାଯାଉଥିଲା । ଏହି ଜାହାଜର ଲମ୍ବ ୭୪ ମିଟର ଥିଲାବେଳେ ଏହା ୨୨ ନଟ୍ସ ବେଗରେ ଗତି କରିପାରୁଥିଲା । ଏଥିରେ ମେସିନ୍ ଗନ୍, ୩୩ଏମ୍‌ଏମ୍ ଗନ୍, ହେଲିକପ୍ଟର ସୁବିଧା ଓ ପ୍ରଦୂଷଣ ନିୟନ୍ତ୍ରଣ କ୍ଷମତା ଯନ୍ତ୍ରାଂଶ ରହିଥିଲା । ତେବେ ତଟରକ୍ଷୀ ବାହିନୀରୁ ବଜ୍ର ଅବ୍ୟାହତି ନେବା ପରେ ପାରାଦୀପ ବନ୍ଦରରେ ଏହାର ସ୍ମୃତି ଓ ପର୍ଯ୍ୟଟକଙ୍କ ପାଇଁ ସରଂକ୍ଷିତ କରି ରଖାଯିବାକୁ ବନ୍ଦର କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରିଛନ୍ତି ।

ଏକାଦଶାହ ଉପଲକ୍ଷେ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ହେମଲତା ଦାସ

ସ୍ୱାମୀ- ଇଂ କିଶୋର ଚନ୍ଦ୍ର ଦାସ
ସିଦ୍ଧବାଲି, ଅମୃତମଣୋହି
ପଟ୍ଟାମୁଣ୍ଡାଇ

ବୋଉ- ତୋର ଅମର ଆତ୍ମାର ସଦ୍‌ଗତି ନିମିତ୍ତ ସଦ୍‌ଗୁରୁ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା, ତୋତେ ଚିର ଶାନ୍ତି ପ୍ରଦାନ କରନ୍ତୁ। ତୋର ଅମିୟ ଆଶୀର୍ବାଦ ସଦାବେଳେ ଆମ ଉପରେ ବରଷୁ ଥାଉ। ଏହା ହିଁ ଆମ୍ଭର କାମନା।

ପୁତ୍ର-ପ୍ରିୟରଞ୍ଜନ (ବାବୁଲି) ପୁତ୍ରବଧୂ- ତନ୍ମୟୀ ଦାସ, ଝିଆଁ – କିଶୋର ଦାସ, ପୁରୁଷୋତ୍ତମ ଦାସ, ଶୁଭେନ୍ଦୁ ଦାସ- ସଂଜୀବ ବେହେରା

ନିରାଶ୍ରୟଙ୍କୁ ଆଶ୍ରୟ ନାଁରେ ଅର୍ଥ ଆତ୍ମସାତ୍ ଅଭିଯୋଗ

ନୂଆପଡ଼ା
ଏକ୍ସପ୍ରେସ୍ ନ୍ୟୁଜ୍

ନିରାଶ୍ରୟଙ୍କୁ ରହିବା, ଖାଇବା, ପିଇବା ସହିତ ସେବା ଶୁଶ୍ରୁଷା ନେବା ପାଇଁ ସରକାର ଅନେକ ଜରାଶ୍ରମ ଖୋଲିଛନ୍ତି । ଏଥି ପାଇଁ ପ୍ରତିବର୍ଷ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ । ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଯୋଜନାର ସୁଫଳ ନିରାଶ୍ରୟମାନେ ପାଇବାରୁ ବଞ୍ଚିତ ହେଉଛନ୍ତି । ଏମିତି ବି କିଛି ଜରାଶ୍ରମ ରହିଛି ଯେଉଁଠି ଆଶ୍ରମ ଅଛି ହେଲେ ଜରା ନାହାନ୍ତି । ତା'ସତ୍ତ୍ୱେ ବି ପ୍ରତି ବର୍ଷ ବର୍ଷ ଧରି ଜରାଙ୍କ ନାଁରେ ବିଲ କରି ସଂସ୍ଥା ଓ ବିଭାଗୀୟ ଅଧିକାରୀ ମିଶି ସରକାରୀ ଅର୍ଥକୁ ଆତ୍ମସାତ କରୁଛନ୍ତି । ଏମିତି ଏକ ଜରାଶ୍ରମ ରହିଛି ନୂଆପଡା ଜିଲ୍ଲା କୋମନା ବ୍ଲକ କୁରୁମପୁରି ନିକଟସ୍ଥ ସିନାପାଲି ହୋଲିହୋମ ଜରାନିବାସ । ଜରାଶ୍ରମରେ ଜଣେ ବି ନିରାଶ୍ରୟ ରହୁନଥିବା ବେଳେ ୨୫ ଜଣ ନିରାଶ୍ରୟ ରହୁଥିବା ସରକାରୀ କଗଜ କଲମରେ ଦର୍ଶାଇଛନ୍ତି । ଏମିତିକି ସେଥିରୁ କିଛି ବୃଦ୍ଧବୃଦ୍ଧା ମୃତ୍ୟୁବରଣ କରିବାର ବର୍ଷାଧିକ ସମୟ ବିତି ଯାଇଥିଲେ ବି ତାଙ୍କ ନାଁରେ ଲକ୍ଷ ଲକ୍ଷ ଟଙ୍କା ବିଲ କରି ଆତ୍ମସାତ ହେଉଥିବା ଅଭିଯୋଗ ହେଉଛି । ନୂଆପଡ଼ା ଭଳି ଉପାନ୍ତ ତଥା ଗରିବ ଆଦିବାସୀ ବହୁଳ ଜିଲ୍ଲାରେ ଅସହାୟ ନିରାଶ୍ରୟଙ୍କୁ ଆଶ୍ରୟ ଦେବା ପାଇଁ କେନ୍ଦ୍ର ସରକାରଙ୍କ ଅନୁଦାନରେ ୨୦୧୨ ମସିହାରେ କୋମନା ବ୍ଲକ କୁରୁମପୁରି ନିକଟସ୍ଥ ସିନାପାଲି ଗାଁରେ ହୋଲିହୋମ ସଂଗଠନରେ ନିରାଶ୍ରୟଙ୍କ ପାଇଁ ୨୫ ବେଡ ବିଶିଷ୍ଟ ଜରାଶ୍ରମ ଖୋଲା ଯାଇଥିଲା । ସୂଚନା ଅନୁସାରେ, ୨୦୧୬-୧୭ ବର୍ଷରେ ଟେଙ୍ଗନାବସା ଗାଁର ମଥା ସାହୁ ଓ ଜାମତି ମାଝୀ, ସିନାପାଲିର ଗୋବର୍ଦ୍ଧନ ମାଝୀ, ଚତ୍ରୁ ରଣା, ମନଧର ମାଝୀ, ଖଜୁରବାହାଲର ମନସନ୍ତୋଷ ଶବର, ସିଲଟପାଣିର କାନ୍ଦିରି ମାଝୀ, ମୁକ୍ତା ମାଝୀ, ହାତିସରାର ଉଦୟ ମାଝୀ, ସୁମିତ୍ରା ମାଝୀ, ଉକିଆ ପରାଭୁଏ, ଛିନ୍ଦପାଣିର କୁନ୍ତଳା ମାଝୀ, ଝାଞ୍ଜିମୁଣ୍ଡାର ଗଏଁତାନି ମାଝୀ, ଠୋଗ୍ରୋମାଲର କୋଟେନବାଇ ମାଝୀ, ବାଟିବାହାଲର ସୁବେ ମାଝୀ, କାଳିମତି ଦୁରିଆ, ଖମବାହିର ବୁଡୁ ଥପା, ବୁର୍କାଢୋଡାର ଗୋପାଲ ମାଝୀ, ରଏସିଂ ମାଝୀ, ତାରାବତି ମାଝୀ, ଗୋର୍ଲାର ସିତାବାଇ ମାଝୀ, କେରମେଲି ନେପାଲ ମାଝୀ, ସୋବନି ମାଝୀ, ବିନ୍ଧନମୁଣ୍ଡିର ସୁପାଲ ମାଝୀ, କାଶିପଲା ଲିଙ୍ଗା ଲୋହରା ପ୍ରମୁଖ ୨୫ ଜଣ ନିରାଶ୍ରୟ ଜରାଶ୍ରମରେ ରହୁଥିବା ଦର୍ଶାଯାଇଛି । ଏମାନଙ୍କ ଦୈନିକ ଖାଇବା ଖର୍ଚ୍ଚ ବାବଦକୁ ଜଣ ପାଇଁ ୪୦ ଟଙ୍କା ହିସାବରେ ୨୫ ଜଣଙ୍କ ପାଇଁ ୧୦୦୭ ଟଙ୍କା ଓ ବାର୍ଷିକ ୩,୬୨,୬୦୦ ଟଙ୍କା ବିଲ ହେଉଛି । ସେହିପରି ବିଭାଗୀୟ ଅଧିକାରୀଙ୍କୁ ହାତ ବାରିସି କରି ଜରାମାନଙ୍କ ପୋଷାକ ପତ୍ର ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ଲକ୍ଷାଧିକ ଟଙ୍କାର ବିଲ କରି କେନ୍ଦ୍ର ସରକାରଙ୍କ ଅନୁଦାନକୁ ଆତ୍ମସାତ କରୁଛନ୍ତି । ଏଥିରୁ କିଛି ବୃଦ୍ଧା ମୃତ୍ୟୁ ବରଣ କରି ସାରିଥିବା ବେଳେ ଅନ୍ୟ ସମସ୍ତେ ନିଜ ପୁଅ ଝିଅଙ୍କ ସହିତ ନିଜ ଘରେ ରହୁଛନ୍ତି । ଆମ ପ୍ରତିନିଧି ଜରାଶ୍ରମକୁ ଯାଇ ୩ ଥର ତଦନ୍ତ କରିଥିଲେ ବି ଜଣେ ହେଲେ ନିରାଶ୍ରୟ ଉପସ୍ଥିତ ନଥିଲେ । ଜରାଙ୍କ ପାଇଁ ଉପଲବ୍ଧ ବେଡ ସର୍ବଦା ଖାଲି ପଡିଥିଲା । ବୃଦ୍ଧାବୃଦ୍ଧାମାନେ ଭତ୍ତା ନେବା ପାଇଁ ତାଙ୍କ ଗାଁକୁ ଯାଇଥିବା କର୍ମଚାରୀ କହିଥିଲେ । ଏମିତି ସବୁ ବେଳେ ଆଶ୍ରମର ବେଡ ଖାଲି ପାଡି ରହୁଥିବା ବେଳେ ସମସ୍ତଙ୍କୁ ବୃଦ୍ଧବୃଦ୍ଧା ଭତ୍ତା ନେବାକୁ ଯାଇଥିବା କଥା କହିଥାନ୍ତି । ଗତ ୯.୪.୨୦୧୨ରୁ ଟେଙ୍ଗନାବସା ଗାଁର ମଥା ସାହୁ, ସ୍ୱାମୀ ମନିରା ସାହୁ ଜରାଶ୍ରମରେ ରହୁଥିବା ଦର୍ଶାଯାଇଛି । ହେଲେ ଗାଁରେ ସେହି ନାଁରେ କୌଣସି ମହିଳା ନାହାନ୍ତି । ଗାଁରେ ମଥୁରା ସାହୁ, ସ୍ୱାମୀ ମନିରାମ ସାହୁ ନାମକ ଜଣେ ମହିଳା ୨ ବର୍ଷ ତଳେ ମୃତ୍ୟୁ ବରଣ କରି ସାରିଛନ୍ତି । ସଂଗଠନର କର୍ମକର୍ତ୍ତା ଜାଣିଶୁଣି ନାଁର କିଛି ଅକ୍ଷରକୁ କାଟି ନୂତନ ନାଁ ତିଆରି କରିଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି । ମଥୁରାଙ୍କୁ ତାଙ୍କ ୪ଟି ପୁଅ ସେବା ଶୁଶ୍ରୁଷା କରିଥିଲେ । ସେ କେବେ ବି ଜରାଶ୍ରମକୁ ଯାଇ ନାହାନ୍ତି ଓ ତାଙ୍କର ୨ ବର୍ଷ ତଳେ ମୃତ୍ୟୁ ହୋଇଥିବା ମଥୁରାଙ୍କ ପୁଅ ହୁମୋଲାଲ ସାହୁ କହିଛନ୍ତି । ସେହିପରି ଗାଁର ଜାମତି ମାଝୀ, ସ୍ୱାମୀ ରେଞ୍ଜା ମାଝି ଗତ ୧୨.୪.୨୦୧୨ରୁ ଜରାଶ୍ରମରେ ରହୁଥିବା ରିପୋର୍ଟ କହୁଛି । ହେଲେ ଜାମତିଙ୍କ ୬ ବର୍ଷ ତଳେ ମୃତ୍ୟୁ ହୋଇ ସାରିଛି ଓ ସେ କେବେ ଜରାଶ୍ରମକୁ ଦେଖି ନାହାନ୍ତି କିମ୍ବା ଆଶ୍ରମ ବିଷୟରେ ଜାଣି କିଛି ନାହାନ୍ତି ବୋଲି ତାଙ୍କ ପୁଅ ପଦ୍ମନ ମାଝୀ କହିଛନ୍ତି । ଏମିତି ପ୍ରତିବର୍ଷ ମୃତ ବୃଦ୍ଧବୃଦ୍ଧାଙ୍କୁ ନାଁରେ ଲକ୍ଷାଧିକ ଟଙ୍କାର ମିଥ୍ୟା ବିଲ କରି ସରକାରୀ ଅନୁଦାନ ହରିଲୁଟ କରୁଛନ୍ତି । ସିନାପାଲି ଗାଁର ଗୋବର୍ଦ୍ଧନ ମାଝୀ ଓ ଚତ୍ରୁ ରଣାଙ୍କ ଘରକୁ ଯାଇ ତଦନ୍ତ କରିବାରୁ ସେମାନେ ନିଜ ଘରେ ପରିବାର ସହିତ ମିଶି ରହୁଛନ୍ତି । ଗୋବର୍ଦ୍ଧନଙ୍କ ସ୍ତ୍ରୀ ଗୋଦାବରୀ ଓ ପୁଅ ରାଧେଶ୍ୟାମ ରହିଛନ୍ତି । ସେ ତାଙ୍କ ସ୍ତ୍ରୀଙ୍କ ସହିତ କାମଧନ୍ଦା କରି ନିଜ ଘରେ ରହୁଥିବା କହିଛନ୍ତି । ଏମିତି ଚତ୍ରୁ ରଣାଙ୍କ ସ୍ତ୍ରୀ ସମେତ୪ ପୁଅ ରହିଛନ୍ତି । ୨୦୧୬-୧୭ ବର୍ଷରେ ଚତ୍ରୁଙ୍କ ନାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ କରି ନବ ନିର୍ମିତ ଘରେ ବଡ ପୁଅ ଶୁକଦେବଙ୍କ ସହିତ ରହୁଥିବା କହିଛନ୍ତି । ଗୋଡ ହାତ ଦରଜ ହେଲେ ଜରାଶ୍ରମକୁ ଚିକିତ୍ସା ପାଇଁ ଯାଇଥାନ୍ତି । କେବେ ବି ଜରାଶ୍ରମରେ ରହି ନାହାନ୍ତି ଓ ସେ ନିଜ ପୁଅମାନଙ୍କ ସହିତ ହସ ଖୁସିରେ ରୁହନ୍ତି ବୋଲି ଚତ୍ରୁ ରଣା କହିଛନ୍ତି । ଉଭୟଙ୍କ ନାଁରେ ୨୦୧୨ ଏପ୍ରିଲ ମାସରୁ ୬ ବର୍ଷ ହେବ ବିଲ କରି ଟଙ୍କା ଆର୍ମସାତ କରୁଛନ୍ତି । ସେହିପରି ସିଲଟପାଣି ଗାଁର କାନ୍ଦିରି ମାଝୀ, ମୁକ୍ତା ମାଝୀ, ହାତିସରାର ଉଦୟ ମାଝୀ, ସୁମିତ୍ରା ମାଝୀ, ଉକିଆ ପରାଭୁଏ, ବାଟିବାହାଲର ସୁବେ ମାଝୀ, କାଳିମତି ଦୁରିଆ, ଖମବାହିର ବୁଡୁ ଥପା ପ୍ରମୁଖ ବୃଦ୍ଧବୃଦ୍ଧା ନିଜ ପୁଅ ଝିଅଙ୍କ ସହିତ ନିଜ ଘରେ ରହୁଥିବା ତଦନ୍ତରୁ ଜଣା ପଡିଛି । ସିନାପାଲି ଗାଁର ଶୁକଦେବ ରଣା କହନ୍ତି ଯେ, କୌଣସି ଅଫିସର ଆଶ୍ରମକୁ ଆସିବାର ଥିଲେ ଗାଁରେ ଗାଡି ଲଗାଇ ବୃଦ୍ଧବୃଦ୍ଧାଙ୍କୁ ଗାଡିରେ ବସାଇ ଆଶ୍ରମକୁ ନେଇଥାନ୍ତି । ସେଠାରେ ତାଙ୍କୁ ବେଡରେ ସୁଆଇ ଦେଇ ଫଟୋ ଉଠାଇଥାନ୍ତି । ଅଧିକାରୀମାନେ ଚାଲିଗଲା ପରେ ସମସ୍ତ ବୃଦ୍ଧବୃଦ୍ଧାଙ୍କୁ ୧୦୦ ଟଙ୍କା ଲେଖାଏଁ ଦେଇ ପୁଣି ଗାଡିରେ ଆଣି ଗାଁରେ ଛାଡି ଦିଅନ୍ତି ବୋଲି କହିଛନ୍ତି । ଏମିତି ପ୍ରତିବର୍ଷ ମୃତ ବୃଦ୍ଧବୃଦ୍ଧାଙ୍କ ନାଁରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରୁଛନ୍ତି । ଏଣୁ ଘଟଣାର ନିରପେକ୍ଷ ତଦନ୍ତ କରି ସଂଗଠନ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହେଉଛି । ଏନେଇ ଡିଏସଏସଓ ଗୋପଲକ୍ଷ୍ମୀ ହୋତାଙ୍କୁ ପଚାରିବାରୁ ସେମିତି କିଛି ଅଭିଯୋଗ ଆସିନାହିଁ । ଘଟଣାର ତଦନ୍ତ କରିବୁ ଓ ଜିଲ୍ଲାପାଳଙ୍କୁ ଜଣାଇବୁ ବୋଲି କହିଥିଲେ । ଏନେଇ ଜିଲ୍ଲାପାଳ ଡ.ପୋମା ଟୁଡୁଙ୍କୁ ପଚାରିବାରୁ ସେଠାରେ କେତେ ଜଣ ନିରାଶ୍ରୟ ରହୁଛନ୍ତି ତଦନ୍ତ କରିବି ଓ ପଦକ୍ଷେପ

ମୁସଲେମଉଦ୍ ଦିବସ

ଭଦ୍ରକ
ଏକ୍ସପ୍ରେସ୍ ନ୍ୟୁଜ୍

ଜମାତ ଅହେମଦିଆ ଭଦ୍ରକ ତରଫରୁ ମୁସଲେମଉଦ ଦିବସ ପାଳିତ ହୋଇଯାଇଛି। ନମାଜ ଓ କୋରାନ ପାଠ ପରେ ଭଦ୍ରକ ବାଇପାସସ୍ଥିତ ଫୀରଦୋସ ହୋଟେଲ ସମ୍ମିଳନୀ କକ୍ଷରେ ହଜରତ ମହମ୍ମଦଙ୍କ ପବିତ୍ର ଜୀବନୀଦର୍ଶନ ପୁସ୍ତକ 'ନବୀ ଶିରୋମଣୀ' ର ଉନ୍ମୋଚନ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ପୁର୍ବତନ ଅମୀର ସେକ ଅବଦୁଲ କାଦର ସଭାପତିତ୍ୱ କରିଥିଲେ। ଅନ୍ୟ ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଗୁରୁଗ୍ରନ୍ଥ ସାହେବ ଇନ୍ଦ୍ରଜିତ ସିଂହ, ସମାଜସେବୀ ଏସ.ଏମ ଫାରୁକ, ସ୍ୱାମୀ ମୁକୁନ୍ଦ କ୍ରିସନଜୀ, ପଣ୍ଡିତ ଦୈତାରୀ ମହାପାତ୍ର, ଆଇନଜୀବୀ ରାଧାରାଣୀ ମହାପାତ୍ର, ଡ଼ଃ ସୁଧୀରଂଜନ ନାୟକ ପ୍ରମୁଖ ଯୋଗଦେଇ ହଜରତ ମହମ୍ମଦଙ୍କ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହେଲେ ବିଶ୍ୱବାସୀ ସୌହାର୍ଦ୍ଦ୍ୟ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଲାଭ କରିପାରିବେ। ଏହି ଅବସରରେ ଜମାତ ଏକ ପ୍ରତିନିଧି ମଣ୍ଡଳ ଜିଲ୍ଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର, ଆରକ୍ଷ ଅଧିକ୍ଷକ ଅନୁପ କୁମାର ସାହୁ, ଓ ଟାଉନଥାନା ଅଧିକାରୀ ମନୋଜ ରାଉତ ପ୍ରମୁଖଙ୍କୁ ଭେଟି ପୁଷ୍ପଗୁଚ୍ଛ ସହିତ ପୁସ୍ତକ 'ନବୀ ଶିରୋମଣୀ' ପ୍ରଦାନ କରାଯାଇଥିଲା।

e-PROCUREMENT NOTICE

Tender Online No. 10 of 2017-18

1416-o

1	Name of the Work	Road & Building works for 2017-18 mentioned in column 2 of table of N.I.T.
2	Estimated cost	Specified against each work in column 3 of table of N.I.T. excluding Goods and Services Tax.
3	Earnest Money Deposit	Specified against each work in column 4 of table of N.I.T.
4	Period of completion	Specified against each work in column 6 of table of N.I.T.
5	Class of contractors	Specified against each work in column 5 of table of N.I.T.
6	Cost of Tender Paper	Specified against each work in column 7 of table of N.I.T

Other details for the N.I.T.:

1	Procurement Officer	Executive Engineer, Rural Works Division, Jagatsinghpur
2	Date & time of availability of bid documents in Portal	24/02/2018 at 11:00 hrs
3	Last date & time for receipt of bids in Portal	07/03/2018 at 17:00 hrs
4	Last date & time of seeking of Bid clarification	06/03/2018 at 15:00 hrs
5	Opening of tender	12/03/2018 at 11:30 hrs at the Office of Executive Engineer, Rural Works Division, Jagatsinghpur.

Further details can be seen from the Government website: **www.tendersorissa.gov.in**

Executive Engineer
Rural Works Division
Jagatsinghpur

I&PR:25056/11/0014/1718